ଶନିବାର, ୩୦ ଜୁଲାଇ, ୨୦୨୨

# ପିଲାଙ୍କ ଧରିତ୍ରୀ



୩

୮
ଆଇନା

୬
କବିତା

# ମଣିଷ ଭିତରେ ଦେବତା ସିଏ

## ଗପ



ସେତେବେଳକୁ ରାତି ଅଧିକରୁ ବେଶୀ ହେଲାଣି। ହେଲେ ସୋନୁ ଆଖିକୁ ନିଦ ହେଉ ନ ଥାଏ। ସେ ମୋବାଇଲ ଧରି ସବୁବେଳେ ଖେଳିବାରୁ ସେଦିନ ତା' ବାପା ମୋବାଇଲ୍ ଛଡ଼ାଇ ତାକୁ ଗାଳି କଲେ। ଏତିକିରେ ସେ ଘରୁ ପଳାଇ ଆସିଲା ରାଗରେ। ଅଟକିଥିବା ଏକ ଟ୍ରେନ୍‌ରେ ଚଢ଼ିଗଲା। ଟ୍ରେନ୍ ତ ଚାଲିଛି। ଏ କେଉଁ ଜାଗା କେଜାଣି। ଭାବି ଭାବି ଆଖି ମାଡ଼ି ପଡ଼ିଛି। ପାଖରେ ବସିଥିବା ଦୁଇଜଣ କଥା ହେବାର ସେ ଶୁଣିଲା। ସେମାନେ କହୁଛନ୍ତି ଏ ପିଲାଟି ସାଙ୍ଗରେ କେହି ନାହାନ୍ତି। ଆମେ ଓହ୍ଲାଇଲା ବେଳେ ୟାକୁ ସାଙ୍ଗରେ ନେଇଯିବା। ଭଲ ବେପାର ହେବ।

ଭୟରେ ତା' ନିଦ ଭାଙ୍ଗିଗଲା। ଡରରେ ଦେହ ଥରିଲା। ଦଶ, ବାର ବର୍ଷର ପିଲାଟା। ସେ ଜାଣିପାରିଲା ଯେ ଏମାନେ ପିଲାଚୋର। ତାକୁ ନେଇ ମାରିଦେବେ। ସେ ଘରଛାଡ଼ି ଆସି ଭୁଲ୍ କରିଛି। ଏବେ ସେ କ'ଣ କରିବ? କିଛି ସମୟ ପରେ ଟ୍ରେନ୍ ଅଟକିଲା। କେଉଁ ଷ୍ଟେଶନ୍ କେଜାଣି। ସେ ଧଡ଼ପଡ଼ ହୋଇ ଉଠି ଓହ୍ଲାଇ ପଡ଼ିଲା। ପଛରୁ ସେ ଲୋକ ଦୁଇଜଣ ଏ ପିଲା, ଏ ପିଲା ଡାକୁଥାଆନ୍ତି। ଟ୍ରେନ୍ ଛାଡ଼ିଦେଲା।

ତଥାପି ରାତି ପାହି ନ ଥିଲା। ଚାରିଆଡ଼େ ଖାପସା ଅନ୍ଧାର। ଷ୍ଟେଶନରେ ଅଳ୍ପ ଲୋକ ଥିଲେ। ପାଖରେ ଥିବା ଚା' ଦୋକାନରେ ସେ ବସି ପଡ଼ିଲା। ଦୋକାନୀ ରାମୁ ଜଣେ ଭଲ ମଣିଷ। ସେ ସୋନୁକୁ କିଛି ବିସ୍କୁଟ ଖାଇବାକୁ ଦେଲେ। ତା' ମୁଣ୍ଡ ଆଉଁଶି ଦେଇ ବାପା, ମା' କାହାନ୍ତି ବୋଲି ପଚାରିଲେ। ରାମୁଙ୍କ ସ୍ନେହର ପରଶ ପାଇ ସୋନୁ କାନ୍ଦି ଉଠିଲା ଓ କହିଲା ତା' ଘର ଝାଡ଼ଖଣ୍ଡ ଓ ବାପାଙ୍କ ନାଁ ମଧ୍ୟ କହିଲା। ରାମୁ ତା'ପରେ ସୋନୁକୁ ତାଙ୍କ ଘରକୁ ନେଇଗଲେ ଓ ଭାବିଲେ ସୋନୁକୁ ତା ବାପା, ମା' ଖୋଜି ବହୁତ ବ୍ୟସ୍ତ ହେଉଥିବେ। ଏକଥା ଭାବି ସେ ଚିନ୍ତାରେ ଥିଲେ। କିନ୍ତୁ ତା ପରଦିନ ତାଙ୍କ ଦୋକାନକୁ ସ୍ଥାନୀୟ ଜିଲାପାଳ ଚା' ପିଇବାକୁ ଆସିବାବେଳେ ସେ ସୋନୁ ବିଷୟରେ ତାଙ୍କୁ ଜଣାଇଲେ। ଏହାପରେ ଜିଲାପାଳ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଲେ ଓ ଚାଇଲ୍ଡ ହେଲ୍‌ପ ଲାଇନ୍‌କୁ ଫୋନ୍ କରିଦେଲେ। ରାମଙ୍କୁ ମଧ୍ୟ ଚାଇଲ୍ଡ ହେଲ୍ପ ଲାଇନ୍‌ର ନମ୍ବର ଦେଇ ବୁଝାଇ କହିଲେ କି ଅଠର ବର୍ଷରୁ କମ୍ ପିଲା ଅସହାୟ ଭାବେ ବୁଲୁଥିବା ଦେଖିଲେ ସେହି ନମ୍ବରରେ ଫୋନ୍ କଲେ ତୁରନ୍ତ ସାହାଯ୍ୟ ମିଳିପାରିବ। ବିଭିନ୍ନ ଜିଲ୍ଲାରେ ଗଢ଼ା ହୋଇଥିବା ଶିଶୁ ମଙ୍ଗଳ ସମିତି ମାଧ୍ୟମରେ ଚାଇଲ୍ଡ ହେଲ୍‌ପ ଲାଇନର ସଦସ୍ୟମାନେ ତାଙ୍କ ବାପା, ମା' ପାଖରେ ସହଜରେ ପହଞ୍ଚାଇ ଦେବେ। ସତକୁ ସତ କିଛି ଲୋକ ଆସି ସୋନୁକୁ ତାଙ୍କ ଘରକୁ ନେଇଗଲେ। ସୋନୁକୁ ପାଇ ତା ବାପା ମା' ବହୁତ ଖୁସି ହୋଇଗଲେ। ରାମୁ ବି ବେଶ୍ ଖୁସି ହୋଇଗଲେ। ଏହା ଭିତରେ ବେଶ୍ କିଛି ଦିନ ବିତିଯାଇଥିଲା। ଦିନେ ସୋନୁ ସହିତ ତା ବାପା, ମା' ଆସି ରାମୁଙ୍କ ଘରେ ପହଞ୍ଚିଲେ। ସେମାନେ ରାମୁ ପାଇଁ ଅନେକ ଉପହାର ଆଣିଥିଲେ। ରାମୁଙ୍କର ହାତଧରି କହିଲେ, ଆପଣ ମଣିଷ ନୁହନ୍ତି ଦେବତା। ଆପଣଙ୍କ ଯୋଗୁଁ ଆମେ ଆମ ପୁଅକୁ ଫେରି ପାଇଲୁ। ଜଣେ ବାପା, ମା'ଙ୍କ କୋଳକୁ ତାଙ୍କ ପିଲାକୁ ସତରେ ଫେରାଇ ଦେଇଥିବାରୁ ରାମୁଙ୍କ ଆଖିରୁ ଖୁସିର ଲୁହ ଝରିପଡ଼ିଲା। ଏହା ଏକ ସତ ଘଟଣା। ଆମେ ଚାଇଲ୍ଡ ହେଲ୍ପ ଲାଇନ ନମ୍ବରକୁ ମନେ ରଖିଲେ ଓ କାମରେ ଲଗାଇଲେ ଆମ ରାଜ୍ୟର ପିଲାମାନେ ବିପଦରୁ ରକ୍ଷା ପାଇଯିବେ।

**-ଡ. ଜ୍ୟୋତିର୍ମୟୀ ମହାନ୍ତି**
ବାଗସାହି, ଜଗତ୍‌ସିଂହପୁର
ମୋ:୯୦୪୦୫୭୮୭୭୨

## ଖିଲି ଖିଲି ହସ

ଦିନେ ପପୁ ରାସ୍ତାରେ ଯିବା ସମୟରେ ତା ପାଖ ଦେଇ ଅଟୋଟିଏ ଗଲା।
ଏହା ଦେଖି ପପୁ କହିଲା-ଭାଇ ତୁମେ ଦୁର୍ଗା ମନ୍ଦିର ରାସ୍ତା ଦେଇ ଯିବ କି ?
ଅଟୋବାଲା-ହଁ।
ପପୁ: ତେବେ ଫେରିଲା ବେଳକୁ ମୋ ପାଇଁ ଭୋଗ ନେଇ କି ଆସିବ।

ହିନ୍ଦୀ କ୍ଲାସ ଚାଲିଥିବା ସମୟରେ ଶିକ୍ଷକ କହିଲେ - ପିଲାମାନେ, ଏମିତି ଜଣେ ମହିଳାଙ୍କ ନାମ କୁହ ଯିଏ କେବେ ହସିନି।
ରାମୁ କହିଲା- ସାର୍ ମୁଁ କହିବି।
ଶିକ୍ଷକ-କୁହ ?
ଛାତ୍ର-ହସିନା।

ଟ୍ରେନରେ ମା'ପୁଅ ଯାଉଥିଲେ। ବାରମ୍ବାର ମା' ତାଙ୍କ ପୁଅଙ୍କୁ କହୁଥାନ୍ତି ପୁଅ ହାଲୁଆ ଖାଇଦେ, ନ ହେଲେ ପାଖରେ ବସିଥିବା ପିଲାକୁ ଦେଇଦେବି। କିଛି ସମୟ ଗଲା ପରେ ପାଖରେ ବସିଥିବା ପୁଅଟି କହିଲା- ଆଣ୍ଟି, ଆପଣଙ୍କର ଯାହା ନିଷ୍ପତ୍ତି ନେବାର ଅଛି ଟିକେ ଜଲ୍‌ଦି ନିଅନ୍ତୁ। ଆପଣଙ୍କ ହାଲୁଆ ଚକ୍କରରେ ମୋ ଖାଇବା ଖାଇପାରୁନି। ୟା ଭିତରେ ତିନିଟା ଷ୍ଟେଶନ ପଳାଇ ଗଲାଣି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ମତାମତ

▶▶ 'ଆଇନା' ସ୍ତମ୍ଭରେ ପ୍ରକାଶିତ ପିଲାଙ୍କ ଫଟୋ ଆକର୍ଷଣୀୟ ହୋଇଛି।
— **ରୋଜି ସ୍ୱାଇଁ,** ଓଡ଼ଗାଁ, ନୟାଗଡ଼

▶▶ ପିଲାଙ୍କ ଧରିତ୍ରୀରେ 'ଚଗଲା ଭୀମୁ' ଓ 'ରଙ୍ଗଦିଅ' ମୋର ଖୁବ୍ ପସନ୍ଦ। ପୃଷ୍ଠାସଂଖ୍ୟା ବଢ଼ାଇବାକୁ ଅନୁରୋଧ।
—**ବିନିତା ଦାସ,** ଖପ୍ରାଖୋଲ, ବଲାଙ୍ଗୀର

▶▶ କବିତା ସ୍ତମ୍ଭରେ ପ୍ରକାଶିତ 'ବରଷା ଋତୁର ରାଣୀ' କବିତାଟି ବେଶ୍ ହୃଦୟସ୍ପର୍ଶୀ ହୋଇଛି।
—**ଅଙ୍କିତା ପଟ୍ଟନାୟକ,** ଖଣ୍ଡଗିରି, ଭୁବନେଶ୍ୱର

▶▶ ହସକଥାରେ ପ୍ରକାଶିତ 'ବୃଦ୍ଧବ୍ୟକ୍ତି ଓ ସେଲୁନ୍‌ବାଲାର କଥାବାର୍ତ୍ତା' ପଢ଼ି ଖୁବ୍ ହସିଲି।
— **ଚନ୍ଦନ ସାହୁ,** ଝରିଗାଁ, ନବରଙ୍ଗପୁର

## ରଙ୍ଗ ଦିଅ



## ଗତ ଥରର ରଙ୍ଗ ଦିଅ





**ପ୍ରତିମା ଗୌଡ଼**
କ୍ଲାସ୍-୫,
ସରସ୍ୱତୀ ଶିଶୁ ମନ୍ଦିର,
ରୂପ୍ରା ରୋଡ୍,
କଳାହାଣ୍ଡି

## ଚଗଲା ଭୀମୁ



# ବାୟା ଚଢ଼େଇର ବସା

-ନିକୁଞ୍ଜ ବିହାରୀ ସାହୁ

**ବାୟା ଚଢ଼େଇକୁ ଗୋଟିଏ ବସା ପ୍ରସ୍ତୁତ କରିବା ପାଇଁ ପ୍ରାୟ ୧୮ଦିନ ସମୟ ଲାଗିଥାଏ। ଏହି ବସାସବୁକୁ ବିଭିନ୍ନ ଗଛ ଯଥା ଧାନ, ତାଳ କିମ୍ବା ଘାସ ପତ୍ରରୁ ନିଜର ମୁନିଆ ଥଣ୍ଟ ଦ୍ୱାରା ଲମ୍ବା ଲମ୍ବା ଖିଅ ଚିରି ତିଆରି କରେ। ପ୍ରଥମ ଖିଅରୁ ହିଁ ବସାର ପାର୍ଶ୍ୱ ଦ୍ୱାର ତିଆରି ହୁଏ। ଗୋଟିଏ ମଜଭୁତ ବସା ଗଢ଼ିବା ପାଇଁ ପ୍ରାୟ ୧୦୦୦ଟି ପତ୍ରର ଖିଅ ଲାଗିଥାଏ..**



ଆମେ ଗାଁରେ ଉଚ୍ଚା ଉଚ୍ଚା ଗଛ ଡାଳରେ ବାୟା ଚଢ଼େଇ ବସା ବୁଣିଥିବାର ଦେଖିଥିବା, ଯାହା ପବନ ବହିଲେ ଧୀରେ ଧୀରେ ଦୋହଲି ଥାଏ। ଏହା ଭିତରେ ପୁରୁଷ ଓ ମାଈ ଚଢ଼େଇମାନେ ଘର କରି ରହିଥାନ୍ତି। ଏହା ଭିତରେ ସେମାନେ ଅଣ୍ଡା ଦିଅନ୍ତି, ଯେଉଁଥିରୁ ଛୁଆ ଫୁଟି ବଢ଼ିଥାନ୍ତି। ତେବେ ବାୟା ଚଢ଼େଇର ଏହି ବସା ସମ୍ପର୍କରେ ଅନେକ କୌତୂହଳ କଥାମାନ ଅଛି, ସେ ସମ୍ପର୍କରେ ଏଠାରେ ସୂଚିତ କରାଯାଉଛି।

## ବସାର ଗଠନ

ବାୟା ଚଢ଼େଇର ଏହି ବସା ସବୁ ଉଚ୍ଚା ଗଛ ଡାଳରେ ବହୁ ସଂଖ୍ୟାରେ ଗଢ଼ା ଯାଇଥାଏ। ଆକୃତିରେ ଏହି ବସା ଏକ ଗମ୍ବୁଜ ସଦୃଶ, ଯାହା ଗୋଟିଏ ଗୋଜିଆ ହୁକ ଦ୍ୱାରା ଗଛରେ ଲାଖି ଝୁଲୁଥାଏ। ଏହି ଗମ୍ବୁଜାକୃତି ବସା ହିଁ ବାୟା ଚଢ଼େଇର ଘର। ଏହା ମଧ୍ୟରେ ଚଢ଼େଇ ଅଣ୍ଡା ଦିଏ, ଯେଉଁଥିରୁ କୁନି କୁନି ଛୁଆ ଜନ୍ମ ହୁଅନ୍ତି। ଏହି ଘର ମଧ୍ୟରେ ପ୍ରବେଶ କରିବା ପାଇଁ ବସାର ଗୋଟିଏ ପାର୍ଶ୍ୱରେ ଏକ ଛୋଟ ଦ୍ୱାର ଥାଏ। ଏହି ଦ୍ୱାରର ଆକାର ଏତେ ଛୋଟ ଯେ, ଏହା ମଧ୍ୟରେ କେବଳ ଚଢ଼େଇ ହିଁ ପଶିପାରେ, ମାତ୍ର କୌଣସି ବାହ୍ୟ ଶତ୍ରୁ ପ୍ରବେଶ କରିପାରେ ନାହିଁ। ବାୟା ଚଢ଼େଇର ମୁଖ୍ୟ ଶତ୍ରୁ ହେଉଛି ସାପ, ଯାହା ବସା ମଧ୍ୟରେ ପ୍ରବେଶ କରି ଅଣ୍ଡା ଏବଂ ଛୁଆମାନଙ୍କୁ ଖାଇଦେବା ସହିତ ବସାକୁ ମଧ୍ୟ ନଷ୍ଟ କରିଦିଏ।

## ବସା କିଏ ତିଆରି କରେ

ବାୟା ଚଢ଼େଇଙ୍କ ମଧ୍ୟରେ କେବଳ ପୁରୁଷ ଚଢ଼େଇମାନେ ହିଁ ବସା ବୁଣିଥାନ୍ତି। ମାଈ ଚଢ଼େଇମାନେ କଦାପି ବସା ତିଆରି କରି ନ ଥାନ୍ତି। କିନ୍ତୁ ପୁରୁଷ ଚଢ଼େଇମାନେ ପ୍ରଥମେ ବସାକୁ ସମ୍ପୂର୍ଣ୍ଣ ଗଢ଼ି ନ ଥାନ୍ତି। ସେମାନେ ପ୍ରଥମେ ବସାକୁ ଆଂଶିକ ଭାବେ ତିଆରି କରି ବସା ଉପରେ ବସି ଡେଣା ହଲେଇ ପାଖଆଖରେ ଉଡ଼ି ବୁଲୁଥିବା ମାଈ ଚଢ଼େଇମାନଙ୍କୁ ନିଜର ବସା ଦେଖାନ୍ତି। ମାଈ ଚଢ଼େଇକୁ ବସା ପସନ୍ଦ ହେଲେ ସେ ଏହି ବସା ମଧ୍ୟରେ ପୁରୁଷ ଚଢ଼େଇ ସହିତ ମିଶି ବାସ କରେ। ଏହା ପରେ ପୁରୁଷ ଚଢ଼େଇ ବସାକୁ ସମ୍ପୂର୍ଣ୍ଣ ତିଆରି କରିଦିଏ। ଏଭଳି ସମୟରେ ବସାକୁ ସମ୍ପୂର୍ଣ୍ଣ କରିବାରେ ମାଈ ଚଢ଼େଇ ମଧ୍ୟ ପୁରୁଷ ଚଢ଼େଇକୁ ସାହାଯ୍ୟ କରିଥାଏ। ବସା ସମ୍ପୂର୍ଣ୍ଣ ହେଲା ପରେ ଏହା ମଧ୍ୟରେ ମାଈ ଚଢ଼େଇ ଅଣ୍ଡା ଦିଏ, ଯେଉଁଥିରୁ ଛୁଆଫୁଟି ବାହାରନ୍ତି। ମାଈ ଚଢ଼େଇ ଏହି ଛୁଆମାନଙ୍କୁ ପଦାରୁ ପୋକଜୋକ ଧରିଆଣି ଖାଇବାକୁ ଦିଏ। ଛୁଆମାନେ ବସା ମଧ୍ୟରେ ଲାଳନପାଳନ ହୋଇ ଧୀରେ ଧୀରେ ବଢ଼ନ୍ତି। ସମୟକ୍ରମେ ସେମାନେ ବୟସ୍କ ହୋଇ ଉଡ଼ି ଶିଖିଲେ ବସା ବାହାରକୁ ଉଡ଼ି ଚାଲିଯାନ୍ତି ଓ ଆଉ ଫେରନ୍ତି ନାହିଁ। ସେମାନେ ପୁଣି ବସା ବାନ୍ଧି ଅଣ୍ଡା ଦିଅନ୍ତି ଏବଂ ଏହିପରି ଭାବରେ ବାୟା ଚଢ଼େଇର ଜୀବନଚକ୍ର ଗଡ଼ିଚାଲେ।

## ବସା କିପରି ତିଆରି ହୁଏ

ଏହି ବସାସବୁକୁ ବାୟା ଚଢ଼େଇ ବିଭିନ୍ନ ଗଛ ଯଥା ଧାନ, ତାଳ କିମ୍ବା ଘାସ ପତ୍ରରୁ ନିଜର ମୁନିଆ ଥଣ୍ଟ ଦ୍ୱାରା ଲମ୍ବା ଲମ୍ବା ଖିଅ ଚିରି ତିଆରି କରେ। ବାୟା ଚଢ଼େଇକୁ ଗୋଟିଏ ବସା ନିର୍ମାଣ କରିବା ପାଇଁ ପ୍ରାୟ ୧୮ଦିନ ସମୟ ଲାଗିଥାଏ। ଚଢ଼େଇ ପ୍ରଥମେ ଗୋଟିଏ ଖିଅକୁ ନିଜର ଥଣ୍ଟ ଏବଂ ନଖ ଜରିଆରେ ଗଛ ଡାଳ ସହିତ ବାନ୍ଧି ବସା ବୁଣିବା କାମ ଆରମ୍ଭ କରେ। ଏହାପରେ ସେ ଆହୁରି ଅନେକ ଖିଅ ସଂଗ୍ରହ କରି ଗୋଟିକକୁ ଅନ୍ୟଟିରେ ତୀର୍ଯ୍ୟକ କୋଣରେ ଛନ୍ଦି ସମୁଦାୟ ବସାଟି ବୁଣି ଦିଏ। ପ୍ରଥମ ଖିଅରୁ ହିଁ ବସାର ପାର୍ଶ୍ୱ ଦ୍ୱାର ତିଆରି ହୁଏ। ଗୋଟିଏ ମଜଭୁତ ବସା ଗଢ଼ିବା ପାଇଁ ପ୍ରାୟ ୧୦୦୦ଟି ପତ୍ରର ଖିଅ ଲାଗିଥାଏ ଏବଂ ଏଥିପାଇଁ ଚଢ଼େଇକୁ ପ୍ରାୟ ୫୦୦ ଥର ଯିବା ଆସିବା କରିବାକୁ ପଡ଼ିଥାଏ।

## ବାୟା ଚଢ଼େଇ ପ୍ରଜାତି

ଭାରତୀୟ ଉପମହାଦେଶ ଏବଂ ଦକ୍ଷିଣ-ପୂର୍ବ ଏସିଆରେ ଗଛରେ ଏଭଳି ବସା ବୁଣୁଥିବା ଚଢ଼େଇର ସମୁଦାୟ ୫ଟି ପ୍ରଜାତି ଦେଖାଯାଏ। ଆମ ଭାରତରେ ମିଳୁଥିବା ଏଭଳି ଚଢ଼େଇକୁ 'ବାୟା' ଚଢ଼େଇ ବୋଲି କୁହାଯାଏ। ଏହାର ବୈଜ୍ଞାନିକ ନାମ ପ୍ଲୋସିୟସ୍। ଏହା ଦେଖିବାକୁ ଘରଚଟିଆ ସଦୃଶ ଏକ ଛୋଟ ଚଢ଼େଇ, ଯାହାର ଉଚ୍ଚା ୧୫ସେମି ଯାଏ ହୋଇପାରେ। ଏହାର ଏକ ଛୋଟ ଗୋଜିଆ ଥଣ୍ଟ ଏବଂ ଛୋଟ ଚାରିକୋଣିଆ ଲାଞ୍ଜ ଥାଏ।

## ବସା କାହିଁକି ତିଆରି କରେ

ବସା ଚଢ଼େଇ ଛୁଆମାନଙ୍କ ପାଇଁ ଅନ୍ତୁଡ଼ିଶାଳ ସଦୃଶ କାର୍ଯ୍ୟ କରେ। ଏହା ମଧ୍ୟରେ ହିଁ ଅଣ୍ଡାଗୁଡ଼ିକ ଫୁଟିଥାଏ ଓ ସେଥିରୁ ଛୁଆ ଜନ୍ମ ହୋଇ ବଢ଼ିଥାନ୍ତି। ବାୟା ଚଢ଼େଇ ବସା ଛୁଆମାନଙ୍କୁ ଖରା ବର୍ଷା ତଥା ବାହ୍ୟ ଶତ୍ରୁ ଆକ୍ରମଣ କବଳରୁ ସୁରକ୍ଷା ପ୍ରଦାନ କରେ। ସୁତରାଂ ବାୟା ଚଢ଼େଇର ବସା ଜୀବନ ବଞ୍ଚିବାର ଏକ କୌଶଳ।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ: ୮୦୧୮୭୦୮୮୫୮









ରବି ନାରାୟଣ ପରିଜା
କ୍ଲାସ-୪, କେନ୍ଦ୍ରୀୟ ବିଦ୍ୟାଳୟ ନଂ ୧, ଭୁବନେଶ୍ୱର
୧



ରୁଦ୍ରାକ୍ଷ ପଟ୍ଟନାୟକ
କ୍ଲାସ- ୫, ୟଙ୍ଗ ଫୋନିକ୍ସ ପବ୍ଲିକ ସ୍କୁଲ, ନୟାହାଟ, ପୁରୀ
୫



ସାନ୍‌ଭୀ ଲାଭିସ୍କା
କ୍ଲାସ-୩, ସେଣ୍ଟ ମେରୀ ସ୍କୁଲ, ଆନନ୍ଦପୁର, କେନ୍ଦୁଝର
୨



ଆଦିତ୍ୟ ପ୍ରଭୁପ୍ରସାଦ ସାହୁ
କ୍ଲାସ-୨, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, କେଦାରଗୌରୀ, ଭୁବନେଶ୍ୱର
୬



ଦୀକ୍ଷା ଦେବାଂଶୀ ବରାଳ
କ୍ଲାସ- ୪, କେନ୍ଦ୍ରୀୟ ବିଦ୍ୟାଳୟ ନଂ ୧, ଭୁବନେଶ୍ୱର
୩



ସାନଭି ଶନାୟା ସା
କ୍ଲାସ- ୧, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର
୭



ଅଭିସୁମତ୍ ସାମଲ
କ୍ଲାସ-୨, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର
୪



ସ୍ୱସ୍ତିକ ଶିଶୁ
କ୍ଲାସ- ୪, ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
୮




୧



୨



୩



୪



୫



୬



୭



୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ସର୍ବକନିଷ୍ଠ ଫ୍ୟାଶନ୍ ଡିଜାଇନର୍

ପିଲାମାନେ ତୁମମାନଙ୍କୁ ବିଭିନ୍ନ ପ୍ରକାର ଷ୍ଟାଇଲିସ୍ ଡ୍ରେସ୍ ପିନ୍ଧିବାକୁ ଭଲଲାଗେ ନା। ହେଲେ ସେହିସବୁ ଭେରାଇଟି ଫ୍ୟାଶନ୍ ଡିଜାଇନ୍ କରୁଥିବା ଲୋକଙ୍କ ବିଷୟରେ ଜାଣିଛ କି? ତୁମମାନଙ୍କ ପରି ୧୧ ବର୍ଷର ଅପେକ୍ଷା ବିନୋଜ ଜଣେ ଫ୍ୟାସନ୍ ଡିଜାଇନର୍ ଅଟନ୍ତି। କେରଳର ବିନୋଜା ଦେଶର ସର୍ବକନିଷ୍ଠ ଫ୍ୟାଶନ୍ ଡିଜାଇନର ଭାବେ ଗିନିଜ୍ ରେକର୍ଡ କରିଛନ୍ତି। ମାତ୍ର ୭ ବର୍ଷ ବୟସରେ ଡ୍ରେସ ଡିଜାଇନ୍ କରିବା ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ୧୦୫ ପ୍ରକାରର ଡ୍ରେସ ଡିଜାଇନ୍ କରିସାରିଲେଣି। ସେ କ୍ଲାସରେ ପାଠ ପଢା ସମୟରେ ନିଜ ବହିଗୁଡ଼ିକରେ ଚିତ୍ର ଆଙ୍କୁଥିଲେ। ତାଙ୍କ ବାପାଙ୍କୁ ଏହି ବିଷୟରେ କମ୍ପ୍ଲେନ୍ ଯିବାରୁ ସେ ଝିଅର ଫ୍ୟାସନ୍ ଡିଜାଇନ୍‌ରେ ଇଛା ଅଛି ବୋଲି ଜାଣିବାକୁ ପାଇଥିଲେ। ସେ ତାଙ୍କର ୭ମ ଜନ୍ମଦିନ ପାଇଁ ନିଜେ ଡ୍ରେସ ଡିଜାଇନ୍ କରିବା ସହ ନିଜେ ଏହାକୁ ତିଆରି ମଧ୍ୟ କରିଥିଲେ। ପରିବାର ଲୋକ ଏଥିପାଇଁ ତାଙ୍କୁ ଉତ୍ସାହିତ କରିଥିଲେ। ସେ ଦୁବାଇର ମ୍ରିନା ଏଲହେଜ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ନାଁ ଲେଖାଇବା ସମୟରେ ବୟସ କମ୍ ଯୋଗୁଁ ନାଁ ଲେଖାଇ ପାରୁ ନଥିଲେ। ମାତ୍ର ତାଙ୍କର ଏହି ଟ୍ୟାଲେଣ୍ଟ ଯୋଗୁଁ ହିଁ ତାଙ୍କୁ ପଢ଼ିବାକୁ ଅନୁମତି ମିଳିଥିଲା। ବର୍ତ୍ତମାନ ସେ ଫ୍ୟାଶନ୍ ଡିଜାଇନିଂରେ ଗ୍ରାଜୁଏସନ୍ ଶେଷ କରିଛନ୍ତି। ଭବିଷ୍ୟତରେ ଫ୍ୟାସନ୍ ଡିଜାଇନିଂରେ ମାଷ୍ଟର ଡିଗ୍ରୀ ହାସଲ କରିବାର ଲକ୍ଷ୍ୟ ରଖିଛନ୍ତି। ଏବେ ସେ ନିଜକୁ ର୍ୟାମ୍ପ ଶୋ' ପାଇଁ ପ୍ରସ୍ତୁତ କରୁଛନ୍ତି।



## ଏଥରର

- ପ୍ରଥମ ଓଡ଼ିଆ ଆଦିବାସୀ ମହିଳା ରାଷ୍ଟ୍ରପତିଙ୍କର ନାମ କ'ଣ ?
- ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି କିଏ ?
- ଓଡ଼ିଶାର କେଉଁ ଜିଲ୍ଲାରେ ଦ୍ରୌପଦୀ ମୁର୍ମୁ ଜନ୍ମ ଗ୍ରହଣ କରିଥିଲେ ?
- ଦେଶର ସୁରକ୍ଷା ବାହିନୀର ସୁପ୍ରିମ କମାଣ୍ଡର କିଏ ?
- ରାଷ୍ଟ୍ରପତି ଭାବେ ସେ କେବେ ଶପଥ ଗ୍ରହଣ କରିଥିଲେ ?




## ଗତଥରର

- ଚେନ୍ନାଇ
- ସରୋଜିନୀ ନାଇଡୁ
- କୋଲକତା
- ମାଗି
- କୋଲକତା



## କବିତା

### ବରଷା ଗୀତ

ମେଘ ବରଷିଲା ଟୁପୁରୁ ଟୁପୁରୁ
ନଈରେ ପଡିଲା ପାଣି
ମାଟି ଭିଜାଇଲା ଆକାଶରୁ ଖସି
ଧରାରେ ବରଷାରାଣୀ।
ମରି ଶୋଇଥିଲା କଅଁଳି ଉଠିଲା
ପଡିଆ ମଥାରେ ଘାସ
ବରଷାକୁ ଦେଖି ଚଷା ଆରମ୍ଭିଲା
ଦୋରସା ଭୁଇଁରେ ଚାଷ।
ଜହ୍ନି ପୋଇ ପାଣିକଖାରୁର ଲତା
ଚାଳରେ ଲଟେଇଗଲା
ଖରା ହଟିଗଲା ବରଷା ଆସିଲା
ଘଡଘଡି ଡାକଦେଲା।
ସବୁ ଋତୁଠାରୁ ଅତି ଉପକାରୀ
ବରଷା କରଇ ହିତ
ବରଷା ବେଳରେ କୁନା କୁନି ବସି
ଗାଇଲେ ବରଷା ଗୀତ।

**-ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ:୯୬୬୮୮୨୨୧୯୦

### ଶ୍ରାବଣ

ଧାରା ଶ୍ରାବଣ ମାସ
ହେଉଛି ବରଷା ଝିପିରି ଝିପିରି
ଗଛ ଲଗାଇବା ଆସ।
ବିଲରେ ଛନକା ଘାସ
ଖୁଆଇବା ଆଣି ଗାଈ ବାଛୁରୀଙ୍କୁ
ହୋଇବେ ଦୁହେଁ ହରଷ।
ମେଘୁଆ ଦିଶେ ଆକାଶ
ସୁନ୍ଦର ଲାଗୁଛି ପ୍ରକୃତି ରାଣୀର
ଦେଖିଦେଲେ ଏହି ବେଶ।
କିଏ ସେ ହେବ ସରସ
କହୁଛି କାନନ ବୃକ୍ଷଲତା ରାଜି
ସରି ଶିରାବଣ ପାଶ।
ବରଷକେ ବାର ମାସ
ସବୁ ମାସଠାରୁ ଜାଣ ଏହି ପରା
ସାର ଶିରାବଣ ମାସ।

***-ଅମରନାଥ ବାରିକ***
*କୟାଁ, ମଙ୍ଗଳପୁର, ଯାଜପୁର*
*ମୋ: ୯୫୪୦୩୦୮୦୯୫*

### ବରଷା ରାଣୀ

ବରଷା ରାଣୀ ବରଷା ରାଣୀ ମେଘ
ରାଜା ସହ ଆ,
ସାଥିରେ ତୋର ବିଜୁଳି ଧରି ଧୀର
ଶୀତଳ ବାଆ।
ଅଜାଡ଼ି ଦେ ତୁ ପ୍ରଚୁର ଜଳ, ହସୁ
ପୃଥିବୀ ମାଆ,
ବିଲ ବାଡ଼ିରେ ପୋଖରୀ ପାଟେ ଜଳ
ଭରିକି ଯାଆ।
ତୋତେ ଦେଖିଲେ ଚାଷୀ ଭାଇଟି
ହେବଲୋ ଭାରି ଖୁସି,
ଚାତକ ପରି ଚାହିଁଛି ସିଏ କରିବ କ୍ଷେତ
ହସି।
ଜଗତ ପାଇଁ ବରଷା ତୁହି ପରାଣ
ମିତ ଟିଏ,
ତୋ ଆଗମନେ ଖୁସି ମନରେ ଜୀବ
ଯେ ଗୀତ ଗାଏ।

***-ଲକ୍ଷ୍ମୀଧର ନାୟକ***
*ବାଉଁଶିଆପଡା, ନୟାଗଡ଼*
*ମୋ: ୮୨୭୦୩୭୨୪୯୮*



### ବରଷା ପାଗରେ



ବରଷା ପାଗରେ ମୁଢ଼ି ନଡିଆ
ଖାଇବାକୁ ଲାଗେ ଭାରି ବଢିଆ
ଆସରେ ପିଲାଏ ଆସ
କିଏ ଖାଇବ ମୁଢ଼ି ନଡ଼ିଆ
ଜଲଦି ଜଲଦି ଆସ
ବୁଢ଼ୀ ମାଆ ପାଶେ ବସ।
ମୁଢିରେ ମିଶାଇ ସୋରିଷ ତେଲ
ବାରମଜା ସାଥେ ଓଲି ପିଆଜ
ମିଶି ହୋଇଯିବ ପାଗ
ଖାଇବାକୁ ଲାଗେ ବାଗ
କିଏ ଖାଇବ ଆସ
ବୁଢ଼ୀ ମାଆ ପାଶେ ବସ।
ବରଷା ପାଗରେ ମୁଢ଼ି ନଡ଼ିଆ
ପାଟିକୁ ଲାଗେ କୁରୁକୁରିଆ
ସାଥିରେ ଥିଲେ ବାଦାମ ଭଜା
ବାଃ ବାଃ ରେ ଭାରି ମଜା
ଆସରେ ପିଲାଏ ଆସ
ବୁଢ଼ୀ ମାଆ ପାଶେ ହସ ମଜ୍ଜା କରି
ମନକୁ ତୁମର ରସ ।

***-ଅମ୍ବିକା ସ୍ୱାଇଁ***
*ନୟାପଲ୍ଲୀ, ଭୁବନେଶ୍ୱର*
*ମୋ: ୯୭୭୭୫୯୯୬୯୫*

## କୋହିଲା ଦେଖି

ଝରଝର ହୋଇ ଆକାଶୁ ଖସେ
ମାଟିକୁ ଭିଜାଏ ମନ ହରଷେ
ତାକୁ ଦେଖି ନାଚେ ବଣରେ କେକୀ
ମନ ଆନନ୍ଦରେ ପୁଛକୁ ଟେକି
ନାଆଁ ତାର ଦିଅ କହି
ଆଷାଢ଼ ଶ୍ରାବଣ ଏଇ ଦୁଇମାସ
ତା'ପାଇଁ ଖଞ୍ଜିଛି ବିହି !

**ଉତ୍ତର- ବରଷା**



ଆକାଶ ଛାତିରେ ରଙ୍ଗ ସାତୋଟି
ବରଷା ଋତୁରେ ଦେଖା ଯାଏଟି
ପୂରୁବ ଦିଗରେ ତାକୁ ଦେଖିବ
ଘୋର ବରଷାର ସୂଚନା ଦେବ
ପଶ୍ଚିମରେ ଦେଲେ ଦେଖା
ବର୍ଷା ହେବ ଦୂର ପୂର୍ ପୁରୁଷରୁ
ପାଠରେ ହୋଇଛି ଲେଖା !

**ଉତ୍ତର- ଇନ୍ଦ୍ରଧନୁ**



ବିଜୁଳୀ ପଛରେ ତା ଆଗମନ
ରଡ଼ିରେ କମ୍ପାଏ ତିନି ଭୁବନ
କିଏ କହେ ତାକୁ ମେଘ ଡମ୍ବରୁ
ରକ୍ଷା ପାଇବାକୁ ତା ପ୍ରଭାବରୁ
ରାମ ରାମ ରାମ କୁହ
ନାଆଁ କହି ଦେଇ ସୁନା ପିଲାହୋଇ
ପାଠ ପଢିବାକୁ ଯାଅ !

**ଉତ୍ତର- ଘଡଘଡି**



***-ଜଗଦୀଶ ସାହୁ***
*ସଞ୍ଚୀପଡା, ହିନ୍ଦୋଳ, ଢେଙ୍କାନାଳ*
*ମୋ:୯୦୭୮୧୮୫୬୧୬*

# ଜଣା ଅଜଣା





**ଠେକୁଆର ଶ୍ରବଣ ଶକ୍ତି ତୀକ୍ଷ୍ଣ.....**

ଠେକୁଆ ବହୁ ଦୂରରୁ ଶବ୍ଦ ବାରିପାରେ। ସେଥିପାଇଁ ସେ ନିଜକୁ ଶତ୍ରୁ କବଳରୁ ଖୁବ୍ ସହଜରେ ରକ୍ଷା କରିପାରେ। ଏହାବ୍ୟତୀତ ଠେକୁଆ ଖାଦ୍ୟ ଖାଇବା ପାଇଁ ଦିନକୁ ପାଖାପାଖି ୬-୮ଘଣ୍ଟା ବିତାଇ ଦିଏ।

**କେତେ ସମୟ ଶୁଏ ବିଲେଇ**

ପିଲାଏ, ବିଲେଇ ସହ ଖେଳିବାକୁ ତୁମକୁ ଭାରି ମଜା ଲାଗେନା ! ତାହାର ମ୍ୟାଉଁ ମ୍ୟାଉଁ ଶବ୍ଦ ଶୁଣିବାକୁ ବି ଭଲ ଲାଗେ। ହେଲେ ଗୋଟିଏ ବିଲେଇ ଦିନକୁ ୧୩-୧୪ ଘଣ୍ଟା କେବଳ ଶୋଇବାରେ ହିଁ ବିତାଇଥାଏ।



**ସାପର ମସ୍ତିଷ୍କ**

ସାପ କଥା ଶୁଣିଲେ ପ୍ରାୟ ସମସ୍ତଙ୍କୁ ଡର ଲାଗେ। କାରଣ ସର୍ପାଘାତ ଭାରି ମାରାତ୍ମକ ଆଉ ବେଳେବେଳେ ଏହା ଜୀବନ ନେଇଯାଇଥାଏ। କିନ୍ତୁ ଜଣେ ସାଧାରଣ ମଣିଷର ମସ୍ତିଷ୍କ ପରି ଗୋଟିଏ ସାପର ମସ୍ତିଷ୍କ ସବୁ କଥାକୁ ଅନୁଧ୍ୟାନ କରିପାରି ନ ଥାଏ।  ସାପ ଭଲ ମନ୍ଦ ବିଚାର କରିପାରେନା। ତେଣୁ ସାପ ଯାହାକୁ ପାଇଲା ତାକୁ କାମୁଡି ଦେଇଥାଏ। ଆଉ ଏକ କଥା ; ସାପ ଲଗାତର ପ୍ରାୟ ତିନିବର୍ଷ ପର୍ଯ୍ୟନ୍ତ ଶୋଇପାରେ।



**କିପରି ଖାଦ୍ୟ ଖାଏ ବେଙ୍ଗ**

ପିଲାଏ, ତୁମେ ତ ଜାଣିଛ, ବେଙ୍ଗ ଡେଇଁ ଡେଇଁ ଖାଦ୍ୟ ଖାଏ। ତା'ର ମୁଖ୍ୟ ଖାଦ୍ୟ ପୋକଜୋକ। ଆଉ ଏକ ରୋଚକ ତଥ୍ୟ ହେଲା, ବେଙ୍ଗ ଖାଦ୍ୟ ଖାଇବା ସମୟରେ ଆଖିକୁ ବନ୍ଦ ରଖିଥାଏ।



**କାଠହଣା ଚଢ଼େଇ**

କାଠହଣା ଚଢ଼େଇକୁ  ପିଲାମାନେ ନିଶ୍ଚୟ ଦେଖିଥିବ। ଏହି ଚଢ଼େଇ ଗଛରେ ବସି କାଠକୁ ହାଣିଥାଏ। ତେଣୁ ତାହାର ଏପରି ନାମକରଣ କରାଯାଇଛି। ଗୋଟିଏ କାଠହଣା ଚଢ଼େଇ ଏକ ସେକେଣ୍ଡରେ ୨୦ଥର କାଠକୁ ଖୁମ୍ପି ଥାଏ।



**ଖରା ସହିପାରନ୍ତି ନାହିଁ ଜେଲିଫିସ୍**

ଜେଲିଫିସ୍  ଖରା ଟିକିଏ ସହିପାରନ୍ତି ନାହିଁ। ଏହା ପଛରେ ଏକ କାରଣ ରହିଛି। କାରଣ ସେମାନଙ୍କ ଶରୀରରେ ପ୍ରାୟ ୯୮ପ୍ରତିଶତ ଜଳ ଥାଏ।

# ଆ ଇ ନା



ମିଷ୍ଟି ଜିଜ୍ଞାସା
୭ ବର୍ଷ / ଭୁବନେଶ୍ୱର



ଅବନ୍ତିକା ତ୍ରିପାଠୀ
୧୦ ବର୍ଷ / କଟକ



ଆରାଧ୍ୟା ଜୟସିଂହ
୪ ବର୍ଷ / ଭୁବନେଶ୍ୱର